# NATIONAL NEWS BULLETIN (ODIA)
## 1 October - 2024
## Morning Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ବିଶ୍ୱରେ ଶାନ୍ତି ଓ ସ୍ଥିରତା ସୁନିଶ୍ଚିତ କରିବା ଲାଗି ଭାରତ ଓ ଜାମାଇକା ପ୍ରତିଶ୍ରୁତିବଦ୍ଧ କହିଲେ ଉଭୟ ଦେଶର ପ୍ରଧାନମନ୍ତ୍ରୀ ।

– ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଭାଗିତା ନେଇ ସ୍ୱାକ୍ଷରିତ ହେଲା ୪ଟି ବୁଝାମଣାପତ୍ର ।

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ 'ସ୍ୱଚ୍ଛ ଭାରତ ଦିବସ-୨୦୨୪' ସମାରୋହରେ ଯୋଗଦେଇ ସ୍ୱଚ୍ଛତା ସମ୍ପର୍କିତ କେତେକ ପ୍ରକଳ୍ପର କରିବେ ଲୋକାର୍ପଣ ଓ ଶିଳାନ୍ୟାସ ।
- ଜାମ୍ମୁ କାଶ୍ମୀର ବିଧାନସଭା ଲାଗି ଆଜି ଅନୁଷ୍ଠିତ ତୃତୀୟ ତଥା ଶେଷ ପର୍ଯ୍ୟାୟ ନିର୍ବାଚନରେ ଅପରାହ୍ଣ ୩ଟା ସୁଦ୍ଧା ୫୬ ପ୍ରତିଶତରୁ ଊର୍ଦ୍ଧ୍ୱ ମତଦାତା ସାବ୍ୟସ୍ତ କଲେ ନିଜର ମତାଧିକାର ।
- ଥାଇଲାଣ୍ଡରେ ଏକ ସ୍କୁଲ୍ ବସ୍‌ରେ ନିଆଁ ଲାଗିଯିବା ଯୋଗୁଁ ୨୫ ଜଣଙ୍କ ମୃତ୍ୟୁ ।

ଏବଂ

- କାନ୍‌ପୁର ଠାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ରେ ବାଂଲାଦେଶକୁ ୭ ୱିକେଟ୍‌ରେ ହରାଇ ୨-୦ରେ ସିରିଜ୍ ବିଜୟୀ ହେଲା ଭାରତ ।

## ଭାରତ-ଜାମାଇକା

ଭାରତ ଓ ଜାମାଇକା ମଧ୍ୟରେ ଡିଜିଟାଲ୍ ଭିତ୍ତିଭୂମି, ସାଂସ୍କୃତିକ ଆଦାନପ୍ରଦାନ ଓ କ୍ରୀଡ଼ା କ୍ଷେତ୍ରରେ ସହଭାଗିତା ନେଇ ଆଜି ଚାରୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କର ଜାମାଇକା ପ୍ରତିପକ୍ଷ ଡକ୍ଟର ଆଣ୍ଡ୍ର୍ୟୁ ହୋଲ୍‌ନେସ୍‌ଙ୍କ ମଧ୍ୟରେ ନୂଆଦିଲ୍ଲୀ ଠାରେ ପ୍ରତିନିଧି ସ୍ତରୀୟ ଆଲୋଚନା ପରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଆଲୋଚନା ପରେ ଉଭୟ ନେତା ମିଳିତ ଭାବେ ଗଣମାଧ୍ୟମକୁ ସମ୍ବୋଧନ କରିଥିଲେ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଜାମାଇକା ପ୍ରଧାନମନ୍ତ୍ରୀଙ୍କର ଭାରତ ଗସ୍ତକୁ ସରକାରଙ୍କ ପକ୍ଷରୁ ଯଥେଷ୍ଟ ପ୍ରାଧାନ୍ୟ ଦିଆଯାଉଛି । ଡକ୍ଟର ହୋଲନେସ ପ୍ରଥମ ଥର ପାଇଁ ଦ୍ୱିପାକ୍ଷିକ ଗସ୍ତରେ ଭାରତ ଆସିଛନ୍ତି । ଦୁଇ ଦେଶ ମଧ୍ୟରେ ଐତିହାସିକ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ନେଇ ସହଭାଗିତା ସୁଦୃଢ଼ ରହିଛି । ଜାମାଇକାରେ କ୍ଷୁଦ୍ରଶିଳ୍ପ ଜୈବ-ଇନ୍ଧନ ଉଦ୍ଭାବନ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଭିତ୍ତିଭୂମି ଆଦି କ୍ଷେତ୍ରରେ ସମସ୍ତ ପ୍ରକାର ସହାୟତା ଯୋଗାଇବାକୁ ଭାରତ ପ୍ରସ୍ତୁତ ଅଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି । ଆତଙ୍କବାଦ ଏବଂ ନିଶାଦ୍ରବ୍ୟ କାରବାରକୁ ମୁକାବିଲା

କରିବାରେ ଦୁଇଦେଶ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ସେ କହିଛନ୍ତି, ବିଶ୍ୱରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ଉଭୟ ପକ୍ଷ ପ୍ରୟାସ ଜାରି ରଖିବେ । ମିଳିତ ଜାତିସଂଘର ସୁରକ୍ଷା ପରିଷଦ ସମେତ ବିଭିନ୍ନ ବିଶ୍ୱସ୍ତରୀୟ ଅନୁଷ୍ଠାନ ଗୁଡ଼ିକରେ ସଂସ୍କାର ଆବଶ୍ୟକତା ରହିଛି ବୋଲି ଭାରତ ଓ ଜାମାଇକା ସମ୍ମତି ପ୍ରଦାନ କରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ଏଥିସହିତ ନୂଆଦିଲ୍ଲୀ ଠାରେ ଥିବା ଜାମାଇକା ଉଚ୍ଚାୟୁକ୍ତ କାର୍ଯ୍ୟାଳୟର ସମ୍ମୁଖ ମାର୍ଗକୁ ଜାମାଇକା ମାର୍ଗ ଭାବେ ନାମିତ କରିବା ଲାଗି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ସେ କହିଛନ୍ତି, ମହାସାଗରଗୁଡ଼ିକ ଭାରତ ଓ ଜାମାଇକାକୁ ଭୌଗୋଳିକ ଭାବେ ଅଲଗା ରଖିଥାଏ ପାରେ ମାତ୍ର ଆମ ସଂସ୍କୃତି ଓ ଆମ ଇତିହାସ ମାଧ୍ୟମରେ ଦୁଇ ଦେଶ ଲୋକଙ୍କ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ନିବିଡ଼ ରହିଛି ।

ଭାରତର ସହଯୋଗକୁ ଜାମାଇକା ସର୍ବଦା ପ୍ରାଧାନ୍ୟ ଦେଇ ଆସିଛି ଓ ବିଭିନ୍ନ କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ସହଭାଗିତା ପ୍ରଦାନ କରିଛି ବୋଲି ଡକ୍ଟର ହୋଲନେସ ଏହି ଅବସରରେ କହିଛନ୍ତି। ସେ କହିଛନ୍ତି, ତାଙ୍କ ଦେଶର ସ୍ୱାଧୀନତା ପରଠାରୁ ଭାରତ ସହିତ ଏକ ସଶକ୍ତ ଭାତୃତ୍ୱଭାବ ରହିଆସିଛି । ଏତଦ୍‌ବ୍ୟତୀତ ସ୍ୱାସ୍ଥ୍ୟ, ଶିକ୍ଷା, ବ୍ୟବସାୟ ଓ ପ୍ରଯୁକ୍ତି ବିଦ୍ୟା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଜାମାଇକାର ବିକାଶ ଲାଗି ଭାରତର ଅବଦାନ ଅତୁଳନୀୟ ବୋଲି ଡକ୍ଟର ହୋଲ୍‌ନେସ୍ କହିଛନ୍ତି ।

ଜାମାଇକା ପ୍ରଧାନମନ୍ତ୍ରୀ ଡକ୍ଟର ହୋଲନେସ୍ ଆଜି ରାଜଘାଟଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳୀରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଏକ ଚାରିଦିନିଆ ଭାରତ ଗସ୍ତରେ ଆସି ଡକ୍ଟର ହୋଲନେସ୍ ଗତକାଲି ନୂଆଦିଲ୍ଲୀଠାରେ ପହଞ୍ଚିଥିଲେ ।

ଡକ୍ଟର ହୋଲନେସ୍ ଆସନ୍ତାକାଲି ବାରଣାସୀ ଗସ୍ତରେ ଯିବେ । ଏହି ଚାରିଦିନିଆ ଗସ୍ତ ଅବସରରେ ଜାମାଇକା ପ୍ରଧାନମନ୍ତ୍ରୀ ଡକ୍ଟର ହୋଲନେସ୍ ରାଷ୍ଟ୍ରପତି, ଉପରାଷ୍ଟ୍ରପତିଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଭେଟିବାର କାର୍ଯ୍ୟସୂଚୀ ରହିଛି ।

## ପ୍ରଧାନମନ୍ତ୍ରୀ-ସ୍ୱଚ୍ଛ ଭାରତ ଦିବସ

ସ୍ୱଚ୍ଛ ଭାରତ ମିଶନ୍ ଶୁଭାରମ୍ଭର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଗାନ୍ଧି ଜୟନ୍ତୀ ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ସ୍ୱଚ୍ଛ ଭାରତ ଦିବସ ୨୦୨୪ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେବେ । ସ୍ୱଚ୍ଛତା ହିଁ ସେବା ୨୦୨୪ର ବିଷୟବସ୍ତୁ ରହିଛି 'ସ୍ୱଭାବ ସ୍ୱଚ୍ଛତା – ସଂସ୍କାର ସ୍ୱଚ୍ଛତା' ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ୯ହଜାର ୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସ୍ୱଚ୍ଛତା ସହ ଜଡ଼ିତ କେତେକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ । ସେଥିମଧ୍ୟରେ ଅମୃତ **2.0** ଅଧୀନରେ ସହରାଞ୍ଚଳ ଜଳ ଓ ନର୍ଦ୍ଦମା ବ୍ୟବସ୍ଥାରେ ସୁଧାର ଆଣିବା ଉଦ୍ଦେଶ୍ୟରେ ୬ ହଜାର ୮୦୦

କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ଏବଂ ସ୍ୱଚ୍ଛ ଗଙ୍ଗା ଲାଗି ଗଙ୍ଗା ଅବବାହିକା ଅଞ୍ଚଳରେ ଜଳର ଗୁଣବତ୍ତା ଏବଂ ବର୍ଜ୍ୟବସ୍ତୁ ପରିଚାଳନାରେ ଉନ୍ନତି ଆଣିବା ଲାଗି ୧ହଜାର ୫୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୧୦ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ ।

ସ୍ୱଚ୍ଛତା ହିଁ ସେବା ୨୦୨୪ ଅଧୀନରେ ୧୭ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କ ଭାଗିଦାରୀରେ ୧୯ ଲକ୍ଷରୁ ଅଧିକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଛି । ଇତିମଧ୍ୟରେ ପ୍ରାୟ ୧ ଲକ୍ଷ ସଫେଇ ମିତ୍ର ସୁରକ୍ଷା ଶିବିର ଆୟୋଜନ କରାଯିବା ସହ ପାଖାପାଖି ସାଢ଼େ ୬ ଲକ୍ଷ ସ୍ୱଚ୍ଛତା ଲକ୍ଷ୍ୟ ୟୁନିଟ୍‌ରେ ପରିବର୍ତ୍ତନ କରାଯାଇଛି ।

ସେହିପରି ମା’ଙ୍କ ପାଇଁ ଗଛଟିଏ ଅଭିଯାନରେ ୪୫ଲକ୍ଷରୁ ଅଧିକ ଚାରା ରୋପଣ କରାଯାଇଥିବା ସରକାରୀ ଭାବେ କୁହାଯାଇଛି ।

## ରାଜନାଥ ସିଂହ

ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହେବା ପଥରେ ଅଗ୍ରସର ହେଉଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମତବ୍ୟକ୍ତ କରିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ସ୍ୱତନ୍ତ୍ର ଉତ୍ସବରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ସିଂହ କହିଛନ୍ତି, ବର୍ତ୍ତମାନ ଭାରତ ବିଶ୍ୱରେ ପ୍ରତିରକ୍ଷା ରପ୍ତାନୀକାରୀ ଦେଶ ଭାବେ ପରିଗଣିତ ହେଉଛି । ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଓ ଗବେଷଣା ଆଦି

କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯାଉଥିବାରୁ ସେ ଏହାର ପ୍ରଶଂସା କରିଛନ୍ତି ।

## ଜେକେ-ନିର୍ବାଚନ

ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନ ଲାଗି ଆଜି ତୃତୀୟ ତଥା ଶେଷ ପର୍ଯ୍ୟାୟ ଭୋଟ୍ ଗ୍ରହଣ ସମ୍ପନ୍ନ ହୋଇଛି । ଅପରାହ୍ଣ ୩ଟା ସୁଦ୍ଧା ୫୬ ପ୍ରତିଶତରୁ ଊର୍ଦ୍ଧ୍ୱ ମତଦାତା ନିଜର ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି ବୋଲି ଆମ ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଭୋଟ ଦେବା ଲାଗି ମତଦାତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି । ୭ଟି ଜିଲ୍ଲାର ୪୦ଟି ବିଧାନସଭା ମଣ୍ଡଳୀରେ ୫ହଜାର ୬୦ଟି ମତଦାନ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆଜି ସକାଳ ୭ଟାରୁ ଭୋଟ୍ ଗ୍ରହଣ ଆରମ୍ଭ ହୋଇଥିଲା । ଏହି ଜିଲ୍ଲା ଗୁଡ଼ିକ ହେଲା, ଜାମ୍ମୁ ଡିଭିଜନ୍‌ର ଜାମ୍ମୁ, କାଠୁଆ, ସାମ୍ବା ଓ ଉଧମପୁର ଏବଂ କାଶ୍ମୀର ଉପତ୍ୟକାର କୁପୱାଡ଼ା, ବାରମୁଲା ଓ ବାନ୍ଦିପଡ଼ା ।

ନିର୍ବାଚନରେ ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂ କରାଯାଇଛି । ଏଥିସହିତ ପ୍ରତ୍ୟେକ ଭୋଟ୍‌ଗ୍ରହଣ କେନ୍ଦ୍ରରେ ପାନୀୟଜଳ,

ବିଦ୍ୟୁତ୍, ଶୌଚାଳୟ, ର୍ୟାମ୍ପ୍, ଚୌକି, ହ୍ୱିଲ୍ ଚେୟାର୍ ଭଳି ମୌଳିକ ସୁବିଧାର ବ୍ୟବସ୍ଥା କରାଯାଇଥିଲା ।

ଜାମ୍ମୁ ଡିଭିଜନ୍‌ର ଚାମ୍‌ବ୍ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୬୮ ଦଶମିକ୍ ୩/୧ ପ୍ରତିଶତ ମତଦାନ ହୋଇଥିବା ବେଳେ ଅଖନୁର୍ ବିଧାନସଭା ମଣ୍ଡଳୀରେ ୬୬ ଦଶମିକ୍ ୨/୭ ପ୍ରତିଶତ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ତେବେ ଜାମ୍ମୁ ଜିଲ୍ଲାର ବହୁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସର୍ବନିମ୍ନ ୪୭ ଦଶମିକ୍ ୦/୭ ପ୍ରତିଶତ ମତଦାନ ରେକର୍ଡ଼ କରାଯାଇଥିବା ଜଣାଯାଇଛି ।

କାଶ୍ମୀର ଡିଭିଜନ୍‌ର ବାନ୍ଦିପଡ଼ା ଜିଲ୍ଲା ଅନ୍ତର୍ଗତ ଗୁରେଜ୍ ସଂରକ୍ଷିତ ବିଧାନସଭା ମଣ୍ଡଳୀରେ ସର୍ବାଧିକ ୬୬ ଦଶମିକ୍ ୧/୭ ପ୍ରତିଶତ ମତଦାନ ହୋଇଥିବା ବେଳେ ଏହି ଉପତ୍ୟକାର ହାନ୍ଦୱାରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୫୯ ଦଶମିକ୍ ୧/୧ ପ୍ରତିଶତ, କାର୍ଣ୍ଣାରେ ୫୬ ଦଶମିକ୍ ୫/୨ ପ୍ରତିଶତ, ତ୍ରେଘାମ୍‌ରେ ୫୨ ଦଶମିକ୍ ୩/୩ ପ୍ରତିଶତ, ଲୋଲାବ୍‌ରେ ୫୧ ଦଶମିକ୍ ୭/୬ ପ୍ରତିଶତ ଏବଂ କୁପୁୱାଡ଼ାରେ ୪୮ ଦଶମିକ୍ ୭/୧ ପ୍ରତିଶତ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ତେବେ ବାରମୁଲା ଜିଲ୍ଲାର ସପୋରେ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସର୍ବନିମ୍ନ ୩୪ ଦଶମିକ୍ ୨/୧ ପ୍ରତିଶତ ମତଦାନ ହୋଇଥିବା ରେକର୍ଡ କରାଯାଇଛି ।

ଜାମ୍ମୁ କାଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପରେ ପ୍ରଥମଥର ଲାଗି ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଛି । ଗତମାସ ୧୮ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ଓ ୨୫ ତାରିଖରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୫୭ ପ୍ରତିଶତରୁ ଊର୍ଦ୍ଧ୍ୱ ମତଦାନ ରେକର୍ଡ କରାଯାଇଛି । ଆସନ୍ତା ୮ ତାରିଖ ଦିନ ଭୋଟ୍ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ।

## ହରିଆଣା-ଇଲେକ୍ସନ୍

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ଆଜି ହରିଆଣାର ପାଲୱାଲ୍ ଠାରେ ଆୟୋଜିତ ଏକ ନିର୍ବାଚନୀ ର୍ୟାଲିରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଜାତିଭିତ୍ତିକ ରାଜନୀତି ପ୍ରସଙ୍ଗରେ କଂଗ୍ରେସକୁ ଆକ୍ଷେପ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଦଳ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇଥାଏ । ଏଥିସହିତ କଂଗ୍ରେସ ଜନସାଧାରଣଙ୍କ କଲ୍ୟାଣ ଲାଗି କଠିନ ପରିଶ୍ରମ କରେ ନାହିଁ ବୋଲି ଶ୍ରୀ ମୋଦୀ ଅଭିଯୋଗ କରିଛନ୍ତି ।

ଅନ୍ୟ ପକ୍ଷରେ ସୋନିପଥର ଗୋହାନାଠାରେ ଆୟୋଜିତ ଏକ ସାଧାରଣସଭାରେ ଉଦ୍‌ବୋଧନ ଦେଇ କଂଗ୍ରେସ ନେତା ରାହୁଲ ଗାନ୍ଧି

ବିଜେପି ହରିଆଣାକୁ ବେକାରୀ ସମସ୍ୟାର ଏକ କେନ୍ଦ୍ର ରୂପେ ପରିଣତ କରିଛି ବୋଲି ଅଭିଯୋଗ କରିଛନ୍ତି ।

## ହରିଆଣା ବିଧାନସଭା ନିର୍ବାଚନ

ହରିଆଣା ବିଧାନସଭାର ସମସ୍ତ ୯୦ଟି ଯାକ ଆସନ ଲାଗି ଆସନ୍ତା ୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ରାଜ୍ୟର ପଞ୍ଚକୁଲା ବିଧାନସଭା ମଣ୍ଡଳୀ ଅନେକ ଗୁରୁତ୍ୱ ବହନ କରେ । ସେଠାରେ ପଶ୍ଚିମାଞ୍ଚଳ କମାଣ୍ଡର ସମ୍ମାନଜନକ ଚଣ୍ଡିମନ୍ଦିର କ୍ୟାଣ୍ଟନମେଣ୍ଟର ମୁଖ୍ୟାଳୟ ଅବସ୍ଥିତ । ଏହି ଜିଲ୍ଲାରେ ୫ଟି ସହର ରହିଛି । ସେଗୁଡ଼ିକ ହେଲା ପଞ୍ଚକୁଲା, ବାରୱାଲ୍, ପିଞ୍ଜୋରେ, କାଲକା ଓ ରାୟପୁର ରାନି । ଅମ୍ବାଲା ଲୋକସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ଏହି ପଞ୍ଚକୁଲା ବିଧାନସଭା ନିର୍ବାଚନ ମଣ୍ଡଳୀ ଅବସ୍ଥିତ ।

୨୦୧୯ ନିର୍ବାଚନରେ ବିଜେପିର ଜ୍ଞାନଚାନ୍ଦା ଗୁପ୍ତା କଂଗ୍ରେସ ପ୍ରତିଦ୍ୱନ୍ଦ୍ୱି ଚନ୍ଦର ମୋହନଙ୍କୁ ପରାସ୍ତ କରି ଏହି ଆସନରୁ ବିଜୟୀ ହୋଇଥିଲେ ।

## ଥାଇଲାଣ୍ଡ-ବସ୍ ଦୁର୍ଘଟଣା

ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍ଗକକ୍ ଠାରେ ଏକ ସ୍କୁଲ୍ ବସ୍‌ରେ ନିଆଁ ଲାଗିଯିବା ଯୋଗୁଁ ୨୫ ଜଣଙ୍କର ମୃତ୍ୟୁ ହେବା ସହ ଅନ୍ୟ କେତେ ଜଣ ଆହତ ହୋଇଥିବା ଜଣାପଡ଼ିଛି । ସ୍ଥାନୀୟ ଗଣମାଧ୍ୟମ ପକ୍ଷରୁ ପୁଲିସ୍ ସୂତ୍ରକୁ ଭିତ୍ତି କରି ଦିଆଯାଇଥିବା ସୂଚନା ଅନୁଯାୟୀ  ଉଥାଇ ଥାନି ପ୍ରଦେଶରେ ୩୮ ଜଣ ସ୍କୁଲ୍ ଛାତ୍ରଛାତ୍ରୀ ଏବଂ ୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ସମ୍ପୃକ୍ତ ବସ୍‌ଟି ଯାଉଥିବା ବେଳେ ଟାୟାର୍ ଫାଟିଯିବା ଯୋଗୁଁ ତୈଳ ଟାଙ୍କିରେ ନିଆଁ ଲାଗିଯାଇଥିଲା । ମୃତକଙ୍କ ମଧ୍ୟରେ ୨୩ ଜଣ ଛାତ୍ରଛାତ୍ରୀ ଅନ୍ତର୍ଭୁକ୍ତ । ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପେଟୋଙ୍ଗ୍-ଟାର୍ଣ୍ଣ ଶିନାଓ୍ୱାତ୍ରା ଏହି ଦୁର୍ଘଟଣାରେ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ।

## କ୍ରିକେଟ୍

କାନ୍‌ପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଦ୍ୱିତୀୟ ତଥା ଶେଷ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ବାଂଲାଦେଶକୁ ୭ ଓ୍ୱିକେଟ୍‌ରେ ପରାସ୍ତ କରିଛି । ବାଂଲାଦେଶ ତାର ଦ୍ୱିତୀୟ ଇନିଂସରେ ୧୪୬ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା ।  ଭାରତ ପକ୍ଷରୁ ରବୀଚନ୍ଦ୍ରନ୍ ଅଶ୍ୱିନ,

ରବୀନ୍ଦ୍ର ଜାଡ଼େଜା, ଯଶପ୍ରୀତ ବୁମ୍‌ରା ୩ଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିଲେ ।

୯୫ରନ୍‌ର ବିଜୟ ଲକ୍ଷ୍ୟର ପିଛା କରି ଭାରତ ୩ ଓ୍ୱିକେଟ୍ ହରାଇ ଏହି ଲକ୍ଷ୍ୟ ହାସଲ କରିଥିଲା । ଦଳ ପକ୍ଷରୁ ଯଶସ୍ୱୀ ଜୟଶ୍ୱାଲ୍ ୫୧ ଏବଂ ବୀରାଟ କୋହଲି ୨୯ରନ୍ କରିଥିଲେ । ଏହି ବିଜୟ ସହିତ ଭାରତ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ମ୍ୟାଚ୍ ସିରିଜ୍‌କୁ ୨-୦ରେ ବିଜୟୀ ହୋଇଛି । ଏଥିସହିତ ଭାରତ ୨୦୨୩-୨୦୨୫ ବିଶ୍ୱ ଟେଷ୍ଟ ଚାମ୍ପିୟନ୍‌ସିପ୍‌ର ଶୀର୍ଷ ସ୍ଥାନକୁ ଉନ୍ନିତ ହୋଇଛି ।